Candidate must not write on this margin.

GENERAL STUDIES-I

ସାଧାରଣ ଅଧ୍ୟୟନ-I

Time : 3 Hours
ସମୟ : ୩ ଘଣ୍ଟା
Full Marks : 250
ପୂର୍ଣ୍ଣ ସଂଖ୍ୟା : ୨୫୦

The question paper contains 17 *(Seventeen) questions.*
In Group - A, 12 *(Twelve) and* Group - B, 05 *(Five) together.*
ପ୍ରତ୍ୟେକ ପ୍ରଶ୍ନପତ୍ରରେ Group - A, 12 (ବାର) ଏବଂ Group - B, 05 (ପାଞ୍ଚ) କୁ ମିଶାଇ 17 (ସତର) ଟି ପ୍ରଶ୍ନ ରହିଛି ।

GROUP-A
ଗ୍ରୁପ୍-A

Candidates to attempt 10 *(ten) questions in* 250 *words.*
Each question carries 15 *marks.*
ପରୀକ୍ଷାର୍ଥୀମାନେ 10 ଟି ପ୍ରଶ୍ନ 250 ଶବ୍ଦରେ ଉତ୍ତର ଦେବେ ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 15 ମାର୍କ ।

1. How far literature and tribal traditions influenced socio-economic development in Odisha?
ଓଡ଼ିଶାରେ ସାମାଜିକ - ଅର୍ଥନୈତିକ ବିକାଶକୁ ସାହିତ୍ୟ ଏବଂ ଆଦିବାସୀ ପରମ୍ପରା କିପରି ପ୍ରଭାବିତ କରିଥିଲା ?

2. Discuss the role of Non-cooperation movement in expanding the social base of Odia nationalism.
ଓଡ଼ିଆ ଜାତୀୟତାର ସାମାଜିକ ଭିତ୍ତିଭୂମିକୁ ବିସ୍ତାର କରିବାରେ ଅସହଯୋଗ ଆନ୍ଦୋଳନର ଭୂମିକା ଆଲୋଚନା କର ।

3. Explain the major developments in Indian art forms during the Gupta period with suitable examples.
ଗୁପ୍ତଯୁଗରେ ଭାରତୀୟକଳାର ପ୍ରମୁଖ ବିକାଶ ସମ୍ବନ୍ଧରେ ସଦୃଷ୍ଟାନ୍ତ ବ୍ୟାଖ୍ୟା କର ।

4. Critically examine the foundation of the Indian National Congress in 1885 with special reference to the 'Safety Valve' theory.
ସୁରକ୍ଷା ଭଲ୍‌ଭ୍ ତତ୍ତ୍ୱ (Safety Valve theory) ର ବିଶେଷ ପରିପ୍ରେକ୍ଷୀରେ ୧୮୮୫ ମସିହାରେ ହୋଇଥିବା ଭାରତୀୟ ଜାତୀୟ କଂଗ୍ରେସର ଭିତ୍ତିଭୂମି ସମ୍ବନ୍ଧରେ ସମାଲୋଚନାତ୍ମକ ବ୍ୟାଖ୍ୟା କର ।

Candidate must not write on this margin.

5. 'Surendra Sai linked Odisha's resistance to the British with his role in the Great Revolt of 1857.' Critically examine it.
୧୮୫୭ ମସିହାରେ ମହାନ ବିଦ୍ରୋହରେ ନିଜର ଭୂମିକା ଦ୍ୱାରା ସୁରେନ୍ଦ୍ର ସାଏ ବ୍ରିଟିଶ୍ ପ୍ରତିରୋଧାତ୍ମକ ସଂଗ୍ରାମରେ ଓଡ଼ିଶାକୁ ସଂଶ୍ଳିଷ୍ଟ କରିଥିଲେ । ଏହାକୁ ସମାଲୋଚନାତ୍ମକ ସମୀକ୍ଷା କର ।

6. The Gajapati rulers of Odisha were great conquerors but failed to consolidate their empire in the long run. Discuss.
ଓଡ଼ିଶାର ଗଜପତି ବଂଶର ଶାସକଗଣ ବିଖ୍ୟାତ ବିଜେତାମାନ ଥିଲେ କିନ୍ତୁ ସେମାନଙ୍କ ସାମ୍ରାଜ୍ୟକୁ ପରିଶେଷରେ ସୁଦୃଢ଼ୀକରଣ କରିବାରେ ବିଫଳ ହୋଇଥିଲେ । ଆଲୋଚନା କର ।

7. Highlight the major environmental adaptations of the Kondh tribal community of Odisha.
ଓଡ଼ିଶାର କନ୍ଧ ଆଦିବାସୀ ସମ୍ପ୍ରଦାୟର ପରିବେଶଗତ ଅନୁକୂଳନ ଉପରେ ଆଲୋକପାତ କର ।

8. How anthropogenic activities are influencing present climatic conditions? What are the causes of ocean acidification?
ମାନବକୃତ କାର୍ଯ୍ୟକଳାପ ବର୍ତ୍ତମାନର ଜଳବାୟୁ ପରିସ୍ଥିତିକୁ କିପରି ପ୍ରଭାବିତ କରୁଛି ? ସମୁଦ୍ର ଅମ୍ଳୀକରଣର କାରଣ କ'ଣ ?

9. The Circum Pacific region is geologically one of the most unstable parts of the world. Elaborate. Also discuss its energy and mineral resources.
ପ୍ରଶାନ୍ତ ମହାସାଗରୀୟ ପରିଧି (Circum Pacific) ଭୂବିଜ୍ଞାନ ଦୃଷ୍ଟିରୁ ପୃଥିବୀର ସବୁଠାରୁ ଅସ୍ଥିର ଭୂଭାଗ । ସୁବିସ୍ତୃତ ଆଲୋଚନା କର । ଏବଂ ଏହାର ଶକ୍ତି ଓ ଖଣିଜ ସଂପଦ ଉପରେ ଆଲୋକପାତ କର ।

10. Discuss the geological causes of landslide in Eastern Ghats. Explain how development pressure and climate trigger landslide in Odisha.
ପୂର୍ବଘାଟ ପର୍ବତମାଳାରେ ଭୂସ୍ଖଳନର ଭୂବିଜ୍ଞାନଗତ କାରଣ ଗୁଡ଼ିକ ଆଲୋଚନା କର । ଓଡ଼ିଶାରେ ଉନ୍ନୟନମୂଳକ ଜାମର ଚାପ ଏବଂ ଜଳବାୟୁ କିପରି ଭୂସ୍ଖଳନର କାରଣ, ବୁଝାଅ ।

11. What are the emerging trends of urbanization in India? Discuss various issues associated with urban settings.
ଭାରତରେ ସହରୀକରଣର ଉଦୀୟମାନ ଧାରା ସବୁ କ'ଣ ? ସହରାଞ୍ଚଳ ପରିବେଶ ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କର ।

12. Throw light on the Particularly Vulnerable Tribal Groups (PVTGs) in India and comment on the profile of prominent PVTGs of Odisha.
ଭାରତର ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (PVTGs) ଉପରେ ଆଲୋକପାତ କର ଏବଂ ଓଡ଼ିଶାର ପ୍ରମୁଖ PVTGs ମାନଙ୍କ ପ୍ରୋଫାଇଲ ଉପରେ ମତାମତ ଦିଅ ।

Candidate must not write on this margin.

GROUP-B

ଗ୍ରୁପ-B

Candidates to attempt all questions in 300 words.

Each question carries 20 marks.

ପରୀକ୍ଷାର୍ଥୀମାନେ ସମସ୍ତ ପ୍ରଶ୍ନ 300 ଶବ୍ଦରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 20 ମାର୍କ ।

13. The ASI is taking steps for removal of sand filling of Konark Sun Temple. Discuss the causes of damage and destruction of the temple, its conservation in the past and the steps being taken by the ASI for sand removal.

ଏ.ଏସ.ଆଇ (ASI) କୋଣାର୍କ ସୂର୍ଯ୍ୟ ମନ୍ଦିର ଭିତରୁ ବାଲି କାଢ଼ିବା ପାଇଁ ପଦକ୍ଷେପ ନେଉଛି । ଏହି ମନ୍ଦିର ର କ୍ଷୟକ୍ଷତି ଓ ଧ୍ୱଂସର କାରଣ, ଅତୀତରେ ଏହାର ସଂରକ୍ଷଣ ଏବଂ ବର୍ତ୍ତମାନ ବାଲି କାଢ଼ିବା ପାଇଁ ASI ନେଉଥିବା ପଦକ୍ଷେପ ଉପରେ ଆଲୋଚନା କର ।

14. Critically examine the role of the States Reorganization Commission (SRC) of 1953 in resolving linguistic regionalism in India.

ଭାରତରେ ଭାଷାଗତ ଆଞ୍ଚଳିକତା ସମାଧାନରେ ରାଜ୍ୟ ପୁନର୍ଗଠନ କମିଶନ୍ (SRC) ୧୯୫୩ ର ଭୂମିକାକୁ ସମାଲୋଚନାତ୍ମକ ଭାବରେ ପରୀକ୍ଷା କର ।

15. Provide a detailed account of the environmental and social vulnerabilities of coastal communities of Odisha.

ଉପକୂଳବର୍ତ୍ତୀ ସମ୍ପ୍ରଦାୟମାନଙ୍କର ପରିବେଶଗତ ଏବଂ ସାମାଜିକ ଦୁର୍ବଳତା ବିଷୟରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କର ।

16. Examine the geostrategic importance of Great Nicobar Island. Discuss the ambitious and massive Great Nicobar Project being undertaken by the Government. How does it deepen Beijing's "Malacca Dilemma"?

ଗ୍ରେଟ ନିକୋବର ଭୂରାଜନୈତିକ (geostrategic) ଗୁରୁତ୍ୱକୁ ପରୀକ୍ଷା କର । ସରକାର ଆରମ୍ଭ କରିଥିବା ମହତ୍ୱାକାଂକ୍ଷୀ ଓ ବିରାଟ ଗ୍ରେଟ ନିକୋବର ପ୍ରକଳ୍ପ ଉପରେ ଆଲୋଚନା କର । ଏହା କିପରି ବେଟିଂର "ମାଲାକା ଦ୍ୱନ୍ଦ" (Malacca Dilemma) କୁ ଆହୁରି ଗଭୀର କରେ ?

17. Self-perceived identity is no more a criterion to treat someone as transgender. Discuss the changes and their impact on the socio-economic and psychological aspects of the transgender?

ଆତ୍ମ-ଅନୁଭବ ଭିତ୍ତିରେ ଜଣେ ବ୍ୟକ୍ତିକୁ ଆଉ ଟ୍ରାନ୍ସଜେଣ୍ଡର ଭାବରେ ବିବେଚନା କରିବାର ମାନଦଣ୍ଡ ହୋଇ ରହିନାହିଁ । ଏହି ପରିବର୍ତ୍ତନ ଏବଂ ଏହାର ଟ୍ରାନ୍ସଜେଣ୍ଡର ମାନଙ୍କ ସାମାଜିକ, ଅର୍ଥନୈତିକ ଏବଂ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ପ୍ରଭାବ ଉପରେ ଆଲୋଚନା କର ।

✪ ✪ ✪